# ପ୍ରସେସନ୍ କଟକଣା କୋହଳ

**ଭୁବନେଶ୍ୱର, ୧୨।୧/ଏନ୍‌ଏନ୍‌ଏସ୍:** ଏଣିକି ବିବାହ ଓ ଅନ୍ତେଷ୍ଟି କ୍ରିୟାରେ ଅଧିକ ଲୋକ ଯୋଗ ଦେଇପାରିବେ। ବିବାହରେ ବରଯାତ୍ରୀ ନାଚି ପାରିବେ, ପ୍ରସେସନ୍ ହୋଇପାରିବ, ଡିଜେ ବାଜିପାରିବ। ରାଜ୍ୟ ସରକାରଙ୍କ ପକ୍ଷରୁ ବାହାଘର ଓ ଅନ୍ତିମ ସଂସ୍କାର ନେଇ ପୂର୍ବରୁ ଜାରି କରାଯାଇଥିବା ପ୍ରସେସନକୁ ସର୍ତ୍ତମୂଳକ ଭାବେ ଅନୁମତି ଦିଆଯାଇଛି। ଏଥିପାଇଁ ଏବେ ବି ମଧ୍ୟ କିଛି ସର୍ତ୍ତ ରଖାଯାଇଛି। ବିବାହ ଉତ୍ସବରେ ସର୍ବାଧିକ ୨ଶହ ଜଣ ଲୋକଙ୍କୁ ଅନୁମତି ମିଳିଛି। ଅର୍ଥାତ୍ ବର, କନ୍ୟା, ପୁରୋହିତ, ବ୍ୟାଣ୍ଡ ପାର୍ଟି ସମସ୍ତଙ୍କୁ ମିଶାଇ ବାହାଘର ଉତ୍ସବରେ ମୋଟ୍ ୨ଶହ ଲୋକ ରହିପାରିବେ ବୋଲି ଏସ୍‌ଆରସି ଶ୍ରୀ ଜେନା ପ୍ରକାଶ କରିଛନ୍ତି। ଏଥିସହ କଣ୍ଟେନ୍‌ମେଣ୍ଟ

- ବିବାହ ଓ ଅନ୍ତ୍ୟେଷ୍ଟିକ୍ରିୟା ନେଇ ଥିବା କଟକଣା କୋହଳ
- ଏକାସାଙ୍ଗେ ଯୋଗ ଦେଇପାରିବେ ୨୦୦ ଲୋକ
- ନୂଆ ନିର୍ଦ୍ଦେଶନାମା ଜାରିକଲେ ସ୍ୱତନ୍ତ୍ର ରିଲିଫ୍ କମିଶନର

ଗାଇଡ୍‌ଲାଇନରେ ସଂଶୋଧନ କରାଯାଇଥିବା ବେଳେ ମଙ୍ଗଳବାର ଏନେଇ ନୂଆ ଗାଇଡ୍‌ଲାଇନ ଜାରି କରାଯାଇଥିବା ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆରସି) ପ୍ରଦୀପ ଜେନା କହିଛନ୍ତି।

ଏନେଇ ଏକ ବିବୃତିରେ ଶ୍ରୀ ଜେନା କହିଛନ୍ତି, କୋଭିଡ ମହାମାରୀ ହେତୁ ପୂର୍ବରୁ ବାହାଘର ପ୍ରସେସନ୍ ଉପରେ ଲାଗୁ କରାଯାଇଥିବା କଟକଣାକୁ ରାଜ୍ୟ ସରକାର ମଙ୍ଗଳବାର ପ୍ରତ୍ୟାହାର କରିଛନ୍ତି। ବିବାହରେ ଏବେ ସ୍ଥାନରେ ମାତ୍ର ୫୦% ବ୍ୟକ୍ତିଙ୍କୁ ନେଇ ବିବାହ ଉତ୍ସବ ଏବଂ ଅନ୍ତିମ ସଂସ୍କାର ଆୟୋଜିତ ହୋଇପାରିବ। କଣ୍ଟେନ୍‌ମେଣ୍ଟ ମୁକ୍ତ ଅଞ୍ଚଳରେ ସ୍ଥାନ ଓ ଆକାରକୁ ଦୃଷ୍ଟିରେ ରଖି, ଉପଯୁକ୍ତ ସଂଖ୍ୟକ ବ୍ୟକ୍ତି ଏଥିରେ ସାମିଲ ହୋଇପାରିବେ ବୋଲି ମଧ୍ୟ କୁହାଯାଇଛି। ଉଲ୍ଲେଖଯୋଗ୍ୟ ବିବାହ ଉତ୍ସବକୁ ଆସିଥିବା ସମସ୍ତ ବ୍ୟକ୍ତି ମାସ୍କ, ସାନିଟାଇଜର ବ୍ୟବହାର କରିବା ସହ ସମସ୍ତ କୋଭିଡ କଟକଣା ମାନିବା ବାଧ୍ୟତାମୂଳକ କରାଯାଇଛି।

▶▶ ୭